# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2 April - 2026**

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ୧ ହଜାର ୮୮୯ଟି ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ
- ମାଟ୍ରିକ ପରୀକ୍ଷା ଖାତା ଦେଖା ଶେଷ; ଆସନ୍ତା ମାସରେ ପ୍ରକାଶ ପାଇବ ଫଳାଫଳ
- ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ

ଏବଂ

- ଅଟିଜିମ୍ ଏବଂ ମାନବିକତା : ପ୍ରତ୍ୟେକଟି ଜୀବନର ମୂଲ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଅଟିଜିମ୍ ଦିବସ

BBSR/R

## ଅଙ୍ଗନବାଡ଼ି କେନ୍ଦ୍ର ଲୋକାର୍ପଣ

ରାଜ୍ୟ ସରକାର ୧ ହଜାର ୮୮୯ଟି ଅଙ୍ଗନବାଡ଼ି କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପଞ୍ଚାୟତରାଜ ମନ୍ତ୍ରୀ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଅଙ୍ଗନବାଡ଼ି ଗୃହଗୁଡ଼ିକର ଲୋକାର୍ପଣ କରିଛନ୍ତି। ୨୦୩୬ ମସିହାସ ସୁଦ୍ଧା ରାଜ୍ୟକୁ ବିକଶିତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

Desk

## ମାଟ୍ରିକ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଖାତା ଦେଖା ଆଜି ଶେଷ ହେଉଛି। ଆସନ୍ତା ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି।

**- V/O -**

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫ ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।

Desk

## ଯୁକ୍ତ ଦୁଇ ଖାତାଦେଖା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଖାତା ମୂଲ୍ୟାୟନ ଆଜିଠାରୁ ୭୫ଟି ଅନ୍‌ଲାଇନ କେନ୍ଦ୍ର ଓ ୭୬ଟି ଅଫ୍‌ଲାଇନ୍ କେନ୍ଦ୍ରରେ ଆରମ୍ଭ ହୋଇଛି। ଆଜିଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ୧୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ଖାତା ଦେଖା ହେବ । ମୋଟ୍ ୧୬ ହଜାର ୪୫୮ ଜଣ ପରୀକ୍ଷକ ଉତ୍ତର ଖାତା ମୂଲ୍ୟାୟନ କରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ।

PR

## କେନ୍ଦ୍ରମନ୍ତ୍ରୀଙ୍କ ପତ୍ର

ଅନୁଗୁଳ ଜିଲ୍ଲାରେ ଖଣିଜ ଉତ୍ପାଦନ ଓ ଶିଳ୍ପ ବୃଦ୍ଧିକୁ ଦୃଷ୍ଟିରେ ରଖି ଛେଣ୍ଡିପଦା ଅନୁଗୁଳ ରାଜ୍ୟ ରାଜପଥ-୬୩କୁ ଦୁଇଥାକିଆ ରାସ୍ତାରୁ ୪ ଥାକିଆ ରାସ୍ତା କରିବା ସହ ଜନବସତି ଅଞ୍ଚଳରେ ବାଇପାସ୍ ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ରାଜ୍ୟ ଅର୍ଥନୀତିରେ ଅନୁଗୁଳ ଜିଲ୍ଲା ବିଶେଷ ଭାବରେ ଯୋଗଦାନ ଦେଉଛି। ଆଗାମୀ ୨୦୩୩ ମସିହା ସୁଦ୍ଧା କୋଇଲା ଉତ୍ପାଦନ ବାର୍ଷିକ ୨୫୦-୩୦୦ ମିଲିୟନ ଟନ୍‌କୁ ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ସାଧାରଣ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆସିବା ସହିତ ସ୍ଥାନୀୟ ଅଞ୍ଚଳରେ କୋଇଲା ଓ ଶିଳ୍ପ ପରିବହନ ସହଜସାଧ୍ୟ ହେବ ବୋଲି ପତ୍ରରେ ଶ୍ରୀ ପ୍ରଧାନ ଉଲ୍ଲେଖ

କରିଛନ୍ତି। ସରକାରଙ୍କର ଏହି ପଦକ୍ଷେପ ଫଳରେ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

Desk

## ଧାନକ୍ରୟ

ରାଜ୍ୟରେ ଚଳିତ ଖରିଫ ଋତୁରେ ରେକର୍ଡ ସଂଖ୍ୟକ ୭୭ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ଧାନ କ୍ରୟ କରିବା ପାଇଁ ଅବଧିକୁ ଆଉ ୭ ଦିନ ବୃଦ୍ଧି କରିଥିବାରୁ ଚାଷୀମାନଙ୍କଠାରୁ ଏହି ସମୟସୀମା ମଧ୍ୟରେ ଧାନକିଣା ଯିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ଆସନ୍ତା ବର୍ଷ ସମସ୍ୟା ନ ହେବା ପାଇଁ ସରକାର ସବୁ ବ୍ୟବସ୍ଥା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

Desk

## ପ୍ରଦୂଷଣ ସାର୍ଟିଫିକେଟ୍

ଯାନବାହନ ଗୁଡ଼ିକର ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟାକୁ ପୁଣିଥରେ କଡ଼ାକଡ଼ି କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ସଡ଼କ ସୁରକ୍ଷାକୁ ନେଇ ଜାରି ରହିଥିବା ଏହି ଅଭିଯାନ ଆସନ୍ତା ୧୦ ତାରିଖ ଯାଏଁ ବୃଦ୍ଧି କରାଯାଇଛି। ବିନା ବୈଧ ପ୍ରଦୂଷଣ ପ୍ରମାଣପତ୍ର ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ପରିବହନ ବିଭାଗ ପକ୍ଷରୁ ଗ୍ରୀନ୍ ଷ୍ଟିକର ଯୋଗାଇ ଦିଆଯାଉଛି। ଯାହାକୁ ଗାଡ଼ିରେ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

Desk

## ମୁଖ୍ୟମନ୍ତ୍ରୀ- କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା

ଛତିଶଗଡ଼ର ରାୟପୁରଠାରେ ଆୟୋଜିତ ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ହକି ଦଳ ଚମ୍ପିଆନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କ୍ରୀଡ଼ାବିତ୍‌ଙ୍କ ସଫଳତା ରାଜ୍ୟ ପାଇଁ ଅତ୍ୟନ୍ତ ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନଜାତି କ୍ରୀଡ଼ା ପ୍ରତିଭାଙ୍କ ଏହି ଅସାଧାରଣ ସଫଳତା ଓଡ଼ିଶାର କ୍ରୀଡ଼ା ଜଗତରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Puri

## ଚନ୍ଦନ ଯାତ୍ରା

ପବିତ୍ର ଚୈତ୍ର ପୂର୍ଣ୍ଣିମା ତିଥିରେ ଆଜିଠାରୁ ବିଧି ଅନୁଯାୟୀ ଶ୍ରୀକ୍ଷେତ୍ର ପୁରୀରେ ଗ୍ରୀଷ୍ମକାଳୀନ ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ି ରହିଥିବା ନନ୍ଦା, ଭଦ୍ରା ଓ ବୈଜୟନ୍ତୀ ଡଙ୍ଗାକୁ ଭୋଇ ସେବକମାନେ ପାଣିରୁ ବାହାର କରିଛନ୍ତି। ଆସନ୍ତା ୨୦ ତାରିଖ ଦିନ ଅକ୍ଷୟ ତୃତୀୟା ଅବସରରେ ଚନ୍ଦନଯାତ୍ରାର ଶୁଭାରମ୍ଭ ହେବ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା, ଅତ୍ୟଧିକ ଉଷ୍ମ ଲାଘବ ନିମନ୍ତେ ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନଚାପ ଖେଳିଥାନ୍ତି। ମହାପ୍ରଭୁ ନୌକା ବିହାର କରୁଥିବା ଡଙ୍ଗାଗୁଡ଼ିକୁ ଆଜିଠାରୁ ପାଣିରୁ ବାହାର କରାଯାଇ ଆବଶ୍ୟକୀୟ ମରାମତି କାର୍ଯ୍ୟ ପରେ ଏହାକୁ ରଙ୍ଗ କରାଯାଇଥାଏ।

Desk

## ଜନଗଣନା

ରାଜ୍ୟରେ ଜନଗଣନା ଗତକାଲିଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୭ ହଜାର ବ୍ୟକ୍ତିବିଶେଷ ସ୍ୱ-ଜନଗଣନା କରିଛନ୍ତି। ଡିଜିଟାଲ ପ୍ରକ୍ରିୟାରେ ଲୋକମାନେ ଜନଗଣନା କରିଛନ୍ତି ବୋଲି ରାଜ୍ୟ ଜନଗଣନା ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ କହିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜନଗଣନା ସମନ୍ୱୟ କମିଟିର ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ବିଭିନ୍ନ ବିଭାଗୀୟ ସଚିବ ଓ ଉନ୍ନୟନ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ସ୍ୱ-ଗଣନା ପ୍ରକ୍ରିୟାରେ ଅଧିକ ସଂଖ୍ୟାରେ ସାମିଲ ହେବାକୁ ଜନସାଧାରଣଙ୍କୁ ଉଭୟ ମୁଖ୍ୟ ଶାସନ ସଚିବ ଓ ଜନଗଣନା ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ନୂତନ ବ୍ୟବସ୍ଥା ଭାବେ ସ୍ୱ-ଜନଗଣନା ବ୍ୟବସ୍ଥା ଆରମ୍ଭ ହୋଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ନିଜେ ଅନଲାଇନ୍ ମାଧ୍ୟମରେ ସେମାନଙ୍କ ପରିବାର ଓ ଘର ସମ୍ପର୍କିତ ସମସ୍ତ ତଥ୍ୟ ଦେଇପାରିବେ। ଆସନ୍ତା ୧୬ ତାରିଖରୁ ମେ' ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ସରକାରୀ କର୍ମଚାରୀମାନେ ଘରକୁ ଘର ଯାଇ ସର୍ଭେ କାର୍ଯ୍ୟ କରିବେ।

Ganjam

## ଜନଗଣନା

ଗଞ୍ଜାମ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗୃହ ଜନଗଣନା ଡିଜିଟାଲ ମାଧ୍ୟମରେ ଆରମ୍ଭ ହୋଇଛି। ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଡିଜିଟାଲ ମାଧ୍ୟମରେ ନିଜ ବାସଭବନର ସମସ୍ତ ତଥ୍ୟ ପୋର୍ଟାଲ ମାଧ୍ୟମରେ ପ୍ରଦାନ କରି ଗତକାଲି ଏହି କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିଥିଲେ। ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଥିବା ଗଣନକାରୀମାନଙ୍କୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଛତ୍ରପୁରଠାରେ ଏନ୍.ଏ.ସି. ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଓ ଉପାଧ୍ୟକ୍ଷ ଜି.ପାପ୍ପାରାଓ ପୋର୍ଟାଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

Desk

# ଅଟିଜିମ୍ ଦିବସ

ଶିଶୁମାନଙ୍କ କ୍ଷେତ୍ରରେ ଅଟିଜିମ୍ ବା ଜଟିଳ ସ୍ନାୟୁଗତ ବିକାଶଜନିତ ବ୍ୟାଧି କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଅଟିଜିମ୍ ଦିବସ ।  ଏହି ରୋଗର ଶିକାର ହୋଇଥିବା  ଶିଶୁ ଏବଂ ବୟସ୍କ ଲୋକମାନଙ୍କ କ୍ଷେତ୍ରରେ ଦେଖିବା, ଶୁଣିବା ଏବଂ ଅନୁଭବ କରିବାର ଲକ୍ଷଣରେ ବିଚ୍ୟୁତି ଦେଖାଦେଇଥାଏ । ଅଟିଜିମ୍ ରୋଗରେ ଆକ୍ରାନ୍ତ ଶିଶୁଙ୍କ ଭାଷାର ପରିପ୍ରକାଶ ଏବଂ ଶ୍ରବଣ ଶକ୍ତି ବହୁ ପରିମାଣରେ ହ୍ରାସ ଘଟିଥାଏ । ଅଟିଜିମ୍ ଏକ ସ୍ନାୟୁଗତ ସମସ୍ୟା ହୋଇଥିବାରୁ ଶୈଶବ ଅବସ୍ଥାରେ ଜଣେ ଶିଶୁର ମସ୍ତିଷ୍କ ସଠିକ୍ ଭାବରେ ବିକଶିତ ହୋଇ ନ ଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁସାରେ, ପ୍ରତି ୩୬ରୁ ୧୦୦

ଜଣ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍ ରୋଗର ଶିକାର ହୋଇଥା'ନ୍ତି। ଅଟିଜିମ୍ ରୋଗର ଚିକିତ୍ସା କରାଇପାରିଲେ ଶିଶୁର ବ୍ୟବହାରରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ଅଟିଜିମ୍ ଏବଂ ମାନବିକତା : ପ୍ରତ୍ୟେକଟି ଜୀବନର ମୂଲ୍ୟ" ।

ବିଶ୍ୱ ଅଟିଜିମ୍ ଦିବସ ଅବସରରେ ସମସ୍ତଙ୍କ ପାଇଁ ସମାନ ସୁଯୋଗ ନେଇ ସଚେତନତା ସୃଷ୍ଟି କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇଛନ୍ତି।

Ganjam

## ଜାତୀୟ କର୍ମଶାଳା

ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଅନ୍ତର୍ଗତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏକ ସପ୍ତାହବ୍ୟାପୀ ଜାତୀୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ରମାଦେବୀ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର ଆକାଂକ୍ଷୀ ଚଳଚ୍ଚିତ୍ର ନିର୍ମାତା ଓ କଥାକାରମାନେ ଯୋଗ ଦେଇଥିଲେ। ଏହି ଅବସରରେ ୫ଟି ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

Malkangiri

## ସ୍ୱାସ୍ଥ୍ୟ ସଚେତନତା

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏମ୍.ଭି.-୭ ଜଗନ୍ନାଥପାଲି ଉଚ୍ଚବିଦ୍ୟାଳୟରେ ପୋଷଣ ୧୫ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଯୋଗଦେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ପୋଷଣର ଗୁରୁତ୍ୱ କୁପୋଷଣ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା ଓ ସୁଷମ ଖାଦ୍ୟ ଗ୍ରହଣର ଔପକାରିତା ସମ୍ପର୍କରେ ମତ ରଖିଥିଲେ। ସୁସ୍ଥ ଶରୀର ପାଇଁ ଖାଦ୍ୟ ନିରାପତ୍ତା ଓ ସଠିକ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପୋଷଣ ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ଅଧିକରୁ ଅଧିକ ସଭା ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

Desk

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ଅବସରରେ ଆଜି ଏବଂ ଆସନ୍ତାକାଲି 'ପାରମ୍ପରିକ ପୋଷାକ ପରିଧାନ ଦିବସ - ଆମ ପୋଷାକ ଆମ ପରିଚୟ" ପାଳନ କରାଯିବ । ରାଜ୍ୟ ସରକାରୀ କର୍ମଚାରୀ, ଅଧିକାରୀ ଓ ଜନସାଧାରଣଙ୍କୁ ଓଡ଼ିଶା ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଏହି ଦିବସରେ ଉତ୍ସାହିତ କରାଯାଇଥାଏ । ରାଜ୍ୟ ସରକାରଙ୍କ ପକ୍ଷରୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳତି ବୟନିକା, ଉତ୍କଳିକା, ରେଶମ ଓଡ଼ିଶା ଓ ସମ୍ବଲପୁରୀ ବସ୍ତ୍ରାଳୟର ହସ୍ତତନ୍ତ ବସ୍ତ୍ର ଉପରେ ୩୦ ପ୍ରତିଶତ ରିହାତି ପ୍ରଦାନ

କରାଯିବ । ହସ୍ତତନ୍ତ ପୋଷାକ ପରିଧାନ କରି ଓଡ଼ିଆ ପକ୍ଷ ୨୦୨୬ ୱେବ୍‌ସାଇଟ୍‌ରେ ସେଲ୍‌ଫି ଅପ୍‌ଲୋଡ୍‌ କରିବାପାଇଁ ଆହ୍ୱାନ ଦିଆଯାଇଛି ।